# Official Spokesperson’s response to media queries regarding OIC General Secretariat’s Press Release on Jammu & Kashmir

August 05, 2022

## ଜାମ୍ମୁ ଓ କାଶ୍ମୀରକୁ ନେଇ ଓଆଇସି ସାଧାରଣ ସଚିବାଳୟର ପ୍ରେସ ବିଜ୍ଞପ୍ତି ସମ୍ବନ୍ଧରେ ଗଣମାଧ୍ୟମ ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

**ଅଗଷ୍ଟ** 05, 2022

**ଜାମ୍ମୁ ଓ କାଶ୍ମୀରକୁ ନେଇ ଓଆଇସି ସାଧାରଣ ସଚିବାଳୟର ପ୍ରେସ ବିଜ୍ଞପ୍ତି ସମ୍ପର୍କରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅରିନ୍ଦମ ବାଗଚି କହିଛନ୍ତି:**

"ଜାମ୍ମୁ ଓ କାଶ୍ମୀରକୁ ନେଇ ଇସଲାମିକ ସହଯୋଗ ସଂଗଠନ (ଓଆଇସି) ର ସାଧାରଣ ସଚିବାଳୟ ଦ୍ୱାରା ଜାରି ବିବୃତ୍ତି ଆଜି ବଡ଼ ଧରଣର ଅସନ୍ତୋଷର କାରଣ ହୋଇଛି।

ଜାମ୍ମୁ ଓ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ଭାରତର ଏକ ଅବିଚ୍ଛେଦ୍ୟ ଓ ଅବିଭକ୍ତ ଅଙ୍ଗ ହୋଇ ରହିଛି ଏବଂ ରହିବ। ତିନି ବର୍ଷ ପୂର୍ବେ ହୋଇଥିବା ବହୁ ପ୍ରତୀକ୍ଷିତ ପରିବର୍ତ୍ତନ ଫଳରେ ଏହି ଅଞ୍ଚଳ ଆଜି ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶର ଲାଭ ପାଇ ପାରୁଛି।

ମାନବାଧିକାରର ଲଗାତାର ଉଲ୍ଲଂଘନକାରୀ ତଥା ସୀମାପାର, ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ଆତଙ୍କବାଦର ଏକ କୁଖ୍ୟାତ ପ୍ରୋତ୍ସାହକଙ୍କ ନିର୍ଦ୍ଦେଶରେ ଜାମ୍ମୁ ଓ କାଶ୍ମୀର ଉପରେ ଓଆଇସି ସାଧାରଣ ସଚିବାଳୟ ବିବୃତ୍ତି ଦେବା ଜାରି ରଖିଛି।

ଏହିପରି ବିବୃତ୍ତି କେବଳ ଆତଙ୍କବାଦ ଜରିଆରେ ଚାଲୁ ରହିଥିବା ସାମ୍ପ୍ରଦାୟିକ ଏଜେଣ୍ଡା ପାଇଁ ଉତ୍ସର୍ଗୀକୃତ ସଂଗଠନ ଭାବରେ ଓଆଇସିର ପ୍ରକୃତ ରୂପକୁ ଉଜାଗର କରିଥାଏ।"

**ନୂଆଦିଲ୍ଲୀ**

**ଅଗଷ୍ଟ** 05, 2022

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.